## ସଂକ୍ଷେପରେ

### କଇଁଛଙ୍କ ଦ୍ୱିତୀୟ ପର୍ଯ୍ୟାୟ ଗଣ ଅଣ୍ଡାଦାନ ପର୍ବ ଆରମ୍ଭ

ଗଞ୍ଜାମ,୨୩।୩(ବିଦ୍ୟାଧର ସାହୁ)

ଋଷିକୁଲ୍ୟା ମୁହାଁଣରେ ଏକ ମାସ ପରେ ପୁଣି କଇଁଛଙ୍କ ଦ୍ୱିତୀୟ ପର୍ଯ୍ୟାୟ ଗଣ ଅଣ୍ଡାଦାନ ଆରମ୍ଭ ହୋଇଛି। ପ୍ରଥମ ଦିନ ୩୮ ହଜାର ୭୭୯ ଓ ଦ୍ୱିତୀୟ ଦିନ ୩୯ ହଜାର ୫୨୧ଟି ଏପରି ୨ଦିନରେ ୭୮ ହଜାର ୩୦୦ଟି କଇଁଛ ସମୁଦ୍ରରୁ ବେଳାଭୂମି ଉପରକୁ ଉଠିଆସି ଗଣ ଅଣ୍ଡାଦାନ କରିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ସମୁଦ୍ର କୂଳ ନିକଟରେ ଅନେକ କଇଁଛ ପହଁଚୁଥିବାରୁ ଆଉ କିଛିଦିନ ଗଣ ଅଣ୍ଡାଦନ ହେବାର ଆଶା କରାଯାଉଛି। ଯାହାକୁନେଇ ବନ ବିଭାଗ, ପର୍ଯ୍ୟଟକ, ପରିବେଶବିତ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଅନ୍ୟପଟେ ବନ ବିଭାଗ ପକ୍ଷରୁ ସାମୁଦ୍ରିକ କଇଁଚ ସୁରକ୍ଷାକୁ କଡାକଡ଼ି କରାଯାଇଥିବା ଜଣାପଡ଼ିଛି। ବିଶେଷକରି ପୋଡ଼ମପେଟା ଠାରୁ ସିଦ୍ଧାନ୍ତ ନଗର ଓ ସମୁଦ୍ର ମୁହାଁଣ ଠାରୁ ପୁରୁଣାବନ୍ଧ ମା' ଗଙ୍ଗାଦେବୀ ସମ୍ମୁଖ ପର୍ଯ୍ୟନ୍ତ ସାମୁହିକ ଅଣ୍ଡାଦାନ ହୋଇଛି। ଚଳିତ ବର୍ଷ ସର୍ବ କାଳୀନ ରେକର୍ଡ ଅଣ୍ଡାଦାନ ହୋଇଛି।

### ସକାଳେ ଶୁଖିଲା ପାଗ, ସନ୍ଧ୍ୟାରେ ବର୍ଷା

ବ୍ରହ୍ମପୁର,୨୩।୩(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ସହରରେ ରବିବାର ସନ୍ଧ୍ୟାରେ ପୁଣି କାଳବୈଶାଖୀ ପ୍ରଭାବରେ ପବନ ଓ ଘଡଘଡି ସହ ବର୍ଷା ହୋଇଛି। ଅପରାହ୍ନ ୫ଟାରେ ପବନ ବୋହିବା ସହ ଝିପ ଝିପ ବର୍ଷା ଆରମ୍ଭ ହୋଇଥିଲା। ପରେ ବର୍ଷା ଓ ପବନର ବେଗ ବଢ଼ିଥିଲା। ବହୁ ଦୋକାନର ଛପର ଓ କେତେକ ସ୍ଥାନରେ ଗଛ ଉପୁଡିଯାଇଥିଲା। କାଳ ବୈଶାଖୀର ପ୍ରଭାବରେ ଲାଞ୍ଜିପଲୀ ଜେଲ ରୋଡ ଅଂଚଳର ଜଣେ ମହିଳା ଘର ଆଜବେଷ୍ଟସ ବାଜି ଆହତ ହୋଇଛନ୍ତି। ସନ୍ଧ୍ୟାରେ ପ୍ରାୟ ୧ ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଆସନ୍ତା ୨୫ ତାରିଖ ଯାଏଁ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ଓ ବଜ୍ରପାତ ହେବ ବୋଲି ଗୋପାଳପୁର ଡପଲର ରାଡାର ଇନଚାର୍ଜ ଏସ କେ ମୂର୍ତ୍ତି ସୂଚନା ଦେଇଛନ୍ତି।

### ପିକଅପ୍ ଧକ୍କାରେ ୨ ମୃତ, ଦୁଇ ଗୁରୁତର ଘଟଣାରେ ଦୁଇ ଗିରଫ

ଗୋପାଳପୁର,୨୩।୩(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅଞ୍ଚଳରେ ଗତ ୧୬ ତାରିଖ ରାତି ରାତି ୧୧ଟାରେ ଏକ ପିକଅପ୍ ଭ୍ୟାନ ଧକ୍କାରେ ଦୁଇ ସ୍କୁଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ୨ଜଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ୨ଜଣ ଗୁରୁତର ହୋଇଥିଲେ। ଏହି ଘଟଣାରେ ପୋଲିସ ପିକଅପ୍ ଚାଳକ ଓ ହେଲପରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଝାଡ଼ଖଣ୍ଡ ରାଞ୍ଚିସ୍ଥିତ ଶୈଳୀ ଥାନା ଅଞ୍ଚଳର ଚାଳକ ଜିତେନ୍ଦ୍ର ଘଟୁୱାର ଓ ହେଲପର ସୁବାଷ ମହନ୍ତ। ଗତ ୧୬ରେ ଗୋପାଳପୁର ଓଭର ବ୍ରିଜ ନିକଟରେ ପିକଅପ ଭ୍ୟାନଟି ଦୁଇଟି ସ୍କୁଟିକୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ପିକଅପ ଭ୍ୟାନ ଚାଳକ ଫେରାର ରହିଥିବା ବେଳେ ହେଲପର ସୁବାଷ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିଲେ। ସେ ସୁସ୍ଥ ହେବା ପରେ ତାଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖି ପଚରାଉଚରା କରିଥିଲା। ଫେରାର ଥିବା ଚାଳକ ଜିତେନ୍ଦ୍ର ଥାନାକୁ ଆସି ଆତ୍ମସମର୍ପଣ କରିଥିଲେ।

### ଟିପିଏସ୍‌ଓଡିଏଲ୍‌ର ଯୋଡ଼ିଙ୍ଗା ପିଏସ୍‌ଏସ୍ କାର୍ଯ୍ୟକ୍ଷମ

ବ୍ରହ୍ମପୁର,୨୩।୩(ଅଶୋକ କୁମାର ସାହୁ)

ଟିପିଏସଓଡିଏଲ ପକ୍ଷରୁ ନବରଙ୍ଗପୁର ଜିଲାର ଯୋଡ଼ିଙ୍ଗାଠାରେ ଏକ ନୂତନ ପ୍ରାଇମେରୀ ସବଷ୍ଟେସନ (ପିଏସଏସ୍) କାର୍ଯ୍ୟକ୍ଷମ ହୋଇଛି। ଏହା ରାଇଘର ଏବଂ ଆଖପାଖ ଅଂଚଳରେ ଭରସାଯୋଗ୍ୟ ବିଜୁଳି ଯୋଗାଇବ। ଦୁଇଟି ୫ ଏମଭିଏ କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମର ଥିବା ଏହି ସବଷ୍ଟେସନ କାର୍ଯ୍ୟକ୍ଷମ ହେବା ପରେ ୭,୫୦୦ରୁ ଅଧିକ ଉପଭୋକ୍ତା ଗୁଣାତ୍ମକ ବିଜୁଳି ସେବା ପାଇପାରିବେ। ଏହାସହ ତୁରୁଡି ଏବଂ ପ୍ରାଚୀପଡ଼ାରେ ଦୁଇଟି ୧୧ କେଭି ଫିଡର କାର୍ଯ୍ୟକ୍ଷମ ହେବା ପରେ ସ୍ଥାନୀୟ ଅଂଚଳର ଲୋକେ ଉନ୍ନତ ମାନର ବିଦ୍ୟୁତ ସେବା ପାଇବେ। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ନୂତନ ଭାବେ ସ୍ଥାପିତ ଯୋଡିଙ୍ଗା ପିଏସଏସ୍ ବିଦ୍ୟୁତ ଯୋଗାଣରେ ଥିବା ସବୁ ପ୍ରତିବନ୍ଧକକୁ ଦୂର କରିବ ଏବଂ ରାଇଘର ଅଂଚଳର ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା ମିଳିବ ବୋଲି ସେ କହିଛନ୍ତି।

# ଘୁମୁସର ବନଖଣ୍ଡକୁ ଜଗିବ ଏଆଇ କ୍ୟାମେରା

## କାଠ ମାଫିଆ, ଶିକାରୀ, ଲଘୁ ଖଣିଜ ଦ୍ରବ୍ୟ ଚୋରିକୁ ରୋକିବା ହେବ ସହଜ

ଭଞ୍ଜନଗର,୨୩।୩(ବାବୁଲା ପ୍ରଧାନ)

ବନ୍ୟପ୍ରାଣୀ ଶିକାର ଏବଂ କାଠ ଚୋରିକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବୈଷୟିକ ଜ୍ଞାନ କୌଶଳର ସହାୟତା ନିଆଯାଉଛି। ରାଜ୍ୟର ସମସ୍ତ ଜଙ୍ଗଲରେ ଏଆଇ କ୍ୟାମେରା ଲଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ଶହେରୁ ଊର୍ଦ୍ଧ୍ୱ ଏଆଇ କ୍ୟାମେରା ଲାଗିବ। ଏହି କ୍ୟାମେରାଗୁଡିକୁ ପରିଚାଳନା ପାଇଁ ବିଭିନ୍ନ ଉଚ୍ଚା ସ୍ଥାନରେ ୧୮ଟି ଏଆଇ ଟାୱାର ନିର୍ମାଣ ହେବ। ଏଥିପାଇଁ ଦୁଇ ବନଖଣ୍ଡ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଛି। ଆଗାମୀ ଦିନରେ ତାହା କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, କ୍ୟାମେରା ଲାଗିଲେ ଜଙ୍ଗଲରେ ଅବାଧରେ ଘୂରି ବୁଲୁଥିବା ଶିକାରୀ ଏବଂ କାଠ ଚୋରଙ୍କୁ ଗିରଫ କରିବା ଓ ଜଙ୍ଗଲରୁ ବେନିୟମ ଭାବେ ଚାଲାଣ ହେଉଥିବା ଲଘୁ ଖଣିଜ ଦ୍ରବ୍ୟକୁ ଧରିବା ସହଜ ହେବ। ବିପଦରେ ପଡୁଥିବା ବନ୍ୟପ୍ରାଣୀଙ୍କୁ ଚିହ୍ନଟ କରି ତାର ସୁରକ୍ଷା



ବିଧାୟକ କଟେଜ ହେବା ସ୍ଥଳ ବୁଲି ଦେଖୁଛନ୍ତି ।

ମଧ୍ୟ କରାଯାଇପାରିବ।

ଅନ୍ୟପକ୍ଷରେ ଘୁମୁସର ବନଖଣ୍ଡକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଉଲିଙ୍ଗିଆ-ଭାଲିଙ୍ଗିଆ ରାସ୍ତାର ଝରଣା ନିକଟରେ ୧୦ଟି କଟେଜ ହେବ। ପର୍ଯ୍ୟଟକମାନେ ଆସି ଆଗାମୀ ଦିନରେ ତାହାର ସୁବିଧା ନେଇପାରିବେ। ଭଞ୍ଜନଗର ଜଳଭଣ୍ଡାରରେ ମଧ୍ୟ ପର୍ଯ୍ୟଟକମାନଙ୍କ ମନୋରଞ୍ଜନ ପାଇଁ କଟେଜ ହେବ। ଏଥିପାଇଁ ପ୍ରାୟ ୧୦ କୋଟି ବ୍ୟୟ ହେବ। ବନ ବିହାରରେ ଆଉ ୩ଟି କାଠ ଘର ହେବ। ଏହି ବନଖଣ୍ଡରେ ହାତୀ ଚଳପ୍ରଚଳ ବଢୁଛି। ହାତୀଙ୍କ ସୁରକ୍ଷା ପାଇଁ ଏକ ହସ୍ପିଟାଲ କରାଯିବ। ସେଠାରେ ଗଞ୍ଜାମ, କନ୍ଧମାଳ ଓ ନୟାଗଡ଼ ଜିଲାର ଅସୁସ୍ଥ ହାତୀଙ୍କ ଚିକିତ୍ସା ବ୍ୟବସ୍ଥା ହେବ। ବେରୁଆବାଡି ନିକଟରେ ଏଥିପାଇଁ ୧୦ ଏକର ଜଙ୍ଗଲ ନିଆଯାଇଛି। ଏହି କାମ ଖୁବ ଶୀଘ୍ର ଆରମ୍ଭ ହେବ ବୋଲି ନାୟକ କହିଥିଲେ। ବିଭିନ୍ନ ସମୟରେ ବନ୍ୟପ୍ରାଣୀମାନେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ବାହାରକୁ ଚାଲି ଆସୁଛନ୍ତି। ସେମାନଙ୍କ ପାଇଁ ଜଙ୍ଗଲ ଭିତରେ ଖାଦ୍ୟ ବ୍ୟବସ୍ଥା ହେବ। ୧୦ ଏକର ଲେଖାଏ ଜଙ୍ଗଲ ଜମିରେ ୩ଟି ସ୍ଥାନରେ ପିଜୁଳି, ଆମ୍ବ, ପଣସ ସମେତ ଅନ୍ୟାନ୍ୟ ଫଳ ଗଛ ଲଗାଯିବ। ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ଚକରା ଘାଟି, ଘାଟିଶୁଲାର ମଧ୍ୟ ବିକାଶ କରାଯାଉଛି। ଏସବୁ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବିଧାୟକ ଏବଂ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ କରୁଛନ୍ତି।

ସୂଚନାଯୋଗ୍ୟ, ଅନ୍ୟ ରାଜ୍ୟରେ ଜଙ୍ଗଲ ସୁରକ୍ଷା ପାଇଁ ଏଆଇ କ୍ୟାମେରା ବ୍ୟବହାର ହେବାପରେ ତା'ର ସୁଫଳ ମିଳିଥିଲା। ଗତବର୍ଷ ଓଡ଼ିଶାର ଶିମିଳିପାଳ ଏବଂ ରାଉରକେଲା ବନଖଣ୍ଡରେ ପରୀକ୍ଷାମୂଳକ ଭାବେ ଏଆଇ କ୍ୟାମେରା ଲଗାଯାଇଛି। ତା'ର ଫଳାଫଳ ଭଲ ଆସୁଛି। ତେଣୁ ରାଜ୍ୟର ସମସ୍ତ ୫୧ଟିଯାକ ବନଖଣ୍ଡରେ ଏଆଇ କ୍ୟାମେରା ଲଗାଇବା ଯୋଜନା ରହିଛି। ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, ୫ଟି ଟାୱାର ଏବଂ ୫୦ଟି କ୍ୟାମେରା ଲଗାଇବା ପାଇଁ ପ୍ରସ୍ତାବ ଯାଇଛି। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ କହିଛନ୍ତି, ୧୩ଟି ଟାୱାର ଏବଂ ୩୦ଟି କ୍ୟାମେରା ବନଖଣ୍ଡରେ ଲଗାଇବା ପାଇଁ ପ୍ରସ୍ତାବ ପଠାଯାଇଛି। କ୍ୟାମେରା ଲାଗିଲେ ଜଙ୍ଗଲ ପରିଚାଳନା ସହଜ ହେବ ବୋଲି ସେ କହିଛନ୍ତି।

# ଗଞ୍ଜାମ କଂଗ୍ରେସର ଖବରଦାତା ସମ୍ମିଳନୀ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତା।

ବ୍ରହ୍ମପୁର,୨୩।୩(ନରସିଂହ ସାହୁ)

ଆସନ୍ତା ୨୭ ତାରିଖରେ ପ୍ରଦେଶ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କରାଯିବ। ଗଞ୍ଜାମ ଜିଲାରୁ ଶହ ଶହ କର୍ମୀ ଏହି ଆନ୍ଦୋଳନରେ ସାମିଲ ହେବେ ବୋଲି ପିସିସିର ଗଞ୍ଜାମ ଜିଲା ପ୍ରଭାରୀ ପ୍ରଦୀପ୍ତ ଦାସ ଓ ସୋନାଲି ସାହୁ ବ୍ରହ୍ମପୁର ବାପୁଜୀ ଆଶ୍ରମ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ରାଜ୍ୟରେ ଭାଜପା ସରକାରଙ୍କ ଶାସନରେ ନାରୀ ନିର୍ଯାତନା ବଢ଼ି ଚାଲିଛି ଏବଂ ମହିଳା ଓ ଯୁବତୀମାନେ ଅସୁରକ୍ଷିତ ହୋଇଯାଇଛନ୍ତି। ଏହାର ପ୍ରତିବାଦରେ ଏକ ବୃହତ୍ତ ଆନ୍ଦୋଳନ ପାଇଁ ପ୍ରଦେଶ କଂଗ୍ରେସ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଜିଲା କଂଗ୍ରେସ କମିଟି (ପୂର୍ବ)ର ସଭାପତି ଦୀପକ ପଟ୍ଟନାୟକ, ବରିଷ୍ଠ ନେତା ସାକା ସୁଜିତ ସମେତ ଗତ ସାଧାରଣ ନିର୍ବାଚନର ବିଧାୟକ ଓ ଏମପି ପ୍ରାର୍ଥୀ ଏବଂ ବିଭିନ୍ନ ବ୍ଲକ ସଭାପତିମାନେ ଉପସ୍ଥିତ ଥିଲେ।

# ୫ ଗିରଫ, କାର ସହ ୧ ଲକ୍ଷ ୭୫ ହଜାର ଜବତ

## ଗଞ୍ଜାମର ୬ ବିଦେଶୀ ମଦ ଦୋକାନରୁ ଚୋରି ଘଟଣା

ଭଞ୍ଜନଗର,୨୩।୩(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲାର ୬ଟି ବିଦେଶୀ ମଦ ଦୋକାନରୁ ଗତ କିଛି ଦିନ ତଳେ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ରମ୍ଭା, ଛତ୍ରପୁର, ବେଗୁନିଆପଡ଼ା, ଗଞ୍ଜାମ, ଭଞ୍ଜନଗର ଥାନା ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ବିଦୋ ମଦ ଦୋକାନରୁ ଚୋରି କରିଥିଲେ। ଏହା ଭଞ୍ଜନଗର ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ଗତ ୮ ତାରିଖରେ ଦୁର୍ବୃତ୍ତମାନେ ଭଞ୍ଜନଗର ମୁଖ୍ୟ ସଡକରେ ଥିବା ଏକ ବିଦେଶୀ ମଦ ଦୋକାନରୁ ଚୋରି କରିଥିଲେ। ସେମାନେ ୯୦ ହଜାର ଟଙ୍କା ସମେତ ଅନ୍ୟାନ୍ୟ ଜିନିଷ ନେଇଯାଇଥିଲେ। ଏନେଇ ଦୋକାନ ମାଲିକ ମନୋଜ ସାହୁ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୩୯/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କୁ ନେଇ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ଏକାଧିକ ଟିମ୍ ଗଠନ କରିଥିଲେ। ପୋଲିସ ରବିବାର ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହିଞ୍ଜିଳି ଥାନା ବୁରୁପଦାର ବବୁଲୁ ଦଳାଇ, ପୁରୁଷୋତ୍ତମପୁର ଥାନା ଭାଟକୁମାରଡାର ରଞ୍ଜନ ରାଉଳ, ବୁଗୁଡ଼ା ଥାନା ଅରଖପୁରର ଅରୁଣ ନାୟକ, ଅଜୟ ନାୟକ ଓ ଚିତ୍ରସେନ ଜେନା। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ କାର, ୧ ଲକ୍ଷ ୭୫ ହଜାର ଟଙ୍କା ଜବତ ହୋଇଥିବା ଭଞ୍ଜନଗର ଥାନାରେ ଏକ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଥାନାର ପ୍ରୋବେସନର ଆଇପିଏସ୍ ଅଧିକାରୀ ମନିଷା ସୁଗୁନ ସୂଚନା ଦେଇଛନ୍ତି। ଏହି ସମୟରେ ଭଞ୍ଜନଗର ଏସଡିପିଓ ସୁଜିତ ନାୟକ, ଥାନା ଅଧିକାରୀ ଜୀବନାନନ୍ଦ ଜେନା, ଗଞ୍ଜାମ ଥାନା ଅଧିକାରୀ ସୁମିତ୍ରା ପାତ୍ର, ଏସ୍‌ଆଇ ସମୀର ସେଠୀ, ଲକ୍ଷ୍ମୀକାନ୍ତ ମହାନ୍ତି, ଲିପିନା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଶୋଭାଯାତ୍ରାରେ ଜଳ ସୁରକ୍ଷାର ବାର୍ତ୍ତା




ଶୋଭାଯାତ୍ରାରେ ବିଭିନ୍ନ ଅନୁଷ୍ଠାନର ସଦସ୍ୟାସଦସ୍ୟମାନେ।

ବ୍ରହ୍ମପୁର,୨୩।୩(ସୁବାସ ଚନ୍ଦ୍ର ପାଢ଼ୀ)

ସୁବ୍ୟବସ୍ଥିତ ଜଳଚକ୍ରର ନିରନ୍ତର ବିକାଶ ପାଇଁ ୨୦୩୦ ସୁଦ୍ଧା ଭାରତବର୍ଷରୁ କ୍ଷୁଧା ଦୂର କରିବା, ଲିଙ୍ଗଗତ ସମାନତା, ସମସ୍ତଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ସ୍ଥିରତା ଏବଂ ଜୈବ ବିବିଧତାର ଅଗ୍ରଗତିକୁ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ୟୁନିସେଫ ପକ୍ଷରୁ ୟୁଥ ଫର ୱାଟର ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଆଇଏସଆର, ୱାନ ଷ୍ଟପ ସେଣ୍ଟର ଓ ବ୍ରହ୍ମପୁର ଶକ୍ତି ସଦନର ମିଳିତ ଉଦ୍ୟମରେ ସ୍ଥାନୀୟ ଗୋକୁଳଧମଠାରୁ ବିଶାଳ ଶୋଭାଯାତ୍ରା ହୋଇଥିଲା। ଏହାକୁ ପୂର୍ବତନ ଏମ୍‌ପି ଚନ୍ଦ୍ର ଶେଖର ସାହୁ ଉଦଘାଟନ କରିଥିଲେ। ବ୍ରହ୍ମପୁରର ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ସୁବାସ ମହାରଣା, କେଦାରନାଥ ଚୌଧୁରୀ, ଦେବେଶ କୁମାର ସାମନ୍ତରାୟ, ରଞ୍ଜିତ କୁମାର ନନ୍ଦ, ଉପଖଣ୍ଡ ଜିଲା ସମାଜ ମଙ୍ଗଳ ଅଧିକାରୀ ଶାନ୍ତି ପଟ୍ଟନାୟକ, ସୁଧୀର ସାବତ, ମହାଶ୍ୱେତା ପାଢୀ ପ୍ରମୁଖ ଯୋଗଦେଇଥିଲେ। ଜଳ ଅପଚୟ ରୋକାଯିବା, ଉପଯୁକ୍ତ ଜଳ ପରିଚାଳନା ନ ହେବା ଯୋଗୁ ମାନବ ସମାଜ, ପଶୁପକ୍ଷୀ, କୀଟ ପତଙ୍ଗ ଓ ପରିବେଶ ଧ୍ୱଂସାଭିମୁଖୀ ହେବାକୁ ଆରମ୍ଭ ହେଲାଣି। ଜଳବାୟୁ ପରିବର୍ତ୍ତନ ଯୋଗୁ ହିମବାହଗୁଡ଼ିକ ପୂର୍ବାପେକ୍ଷା ଅଧିକ ଦ୍ରୁତ ଗତିରେ ତରଳିବାରେ ଲାଗିଛି। ଏହା ଦ୍ୱାରା ପରିବେଶ ଧ୍ୱଂସ ହେବାର ଆଶଙ୍କା ରହିଛି। ଜଳ ଅପଚୟ ରୋକିବା ସହିତ ପରିବେଶ ସୁରକ୍ଷା କରିବା ପାଇଁ ସମସ୍ତେ ଉଦ୍ୟମ କରିବାର ବେଳ ଆସିଛି ବୋଲି ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସାମନ୍ତରାୟ ଏକାଡେମୀର କର୍ମକର୍ତ୍ତା, ଯୁବ ସମାଜ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଯୋଗଦେଇଥିଲେ ।

### ଶ୍ରମିକଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନ ନିଷ୍ପତ୍ତି

ବ୍ରହ୍ମପୁର,୨୩।୩(ସୁବାସ ଚନ୍ଦ୍ର ପାଢ଼ୀ)

ସର୍ବ ଭାରତୀୟ ଶ୍ରମିକ ସଂଗଠନ ଇଣ୍ଡିଆନ ଫେଡେରଶନ ଅଫ ଟ୍ରେଡ଼ ୟୁନିଅନ ଓଡିଶା ରାଜ୍ୟ କମିଟି ତରଫରୁ ୨ ଦିନିଆ ଶିକ୍ଷା ଶିବିର ସ୍ଥାନୀୟ ଏନଜିଓ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମହାସଂଘର ସର୍ବ ଭାରତୀୟ ସଭାନେତ୍ରୀ କମ୍ରେଡ ଅପର୍ଣ୍ଣା ଓ ଉପସଭାପତି ପି.ପ୍ରସାଦ ଉଦଘାଟନ କରିଥିଲେ। ଶ୍ରମିକ ଓ କର୍ମଚାରୀ ମାନଙ୍କୁ ସର୍ବନିମ୍ନ ମଜୁରୀ ମାସିକ ୨୬୦୦୦ ଟଙ୍କା, ସମାନ କାମକୁ ସମାନ ଦରମା, ଠିକା ଓ ଆଉଟସୋର୍ସିଂ ପ୍ରଥାର ବିଲୋପ କରିବା, ଚାକିରୀ ସୁରକ୍ଷା ଆଦି ଦାବି ନେଇ ସମ୍ମିଳିତ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ରବିବାର ଶହୀଦ ଦିବସ ଅବସରରେ ଶହୀଦମାନଙ୍କ ସ୍ମୃତିଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଆଇକେଏମଏସର ଜାତୀୟ ସଂପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ଇଣ୍ଡିଆନ ଫେଡେରଶନ ଅଫ ଟ୍ରେଡ଼ ୟୁନିଅନ ରାଜ୍ୟ କମିଟି ସଭାପତି ପ୍ରତାପ ପ୍ରଧାନ, ପ୍ରଶାନ୍ତ ପରିଛା, ପି. ରମେଶ ରାଓ, ଉତ୍ତମ ନାୟକ, ସଂଯୁକ୍ତା ନାୟକ, ବିଚିତ୍ର ସାହୁ, ପ୍ରେମାନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଏଲ୍‌ଟିଆର୍ ପରୀକ୍ଷାରେ ଅନିୟମିତତା ଅଭିଯୋଗ

ବ୍ରହ୍ମପୁର,୨୩।୩(ସୁବାସ ଚନ୍ଦ୍ର ପାଢ଼ୀ)

ଓଡ଼ିଶା ଷ୍ଟାଫ ସିଲେକସନ୍ କମିଟି ପକ୍ଷରୁ ଶିକ୍ଷକ ପରୀକ୍ଷାରେ ଅନିୟମିତତା ଅଭିଯୋଗ ହୋଇଛି। ସିଲ୍ ନ ଥିବା ପ୍ରଶ୍ନପତ୍ରକୁ ନେଇ କେନ୍ଦ୍ରରେ ଅସନ୍ତୋଷ ଜାହିର କରିଛନ୍ତି ପରୀକ୍ଷାର୍ଥୀ। ଲିଭ ଟ୍ରେନିଂ ରିସର୍ଚ୍ଚ ଟିଚର (ଏଲ୍‌ଟିଆର) ପରୀକ୍ଷା ରବିବାର ସହରର ବିଭିନ୍ନ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଜିଲାର ବିଭିନ୍ନ ବ୍ଲକରୁ ଶହଶହ ପରୀକ୍ଷାର୍ଥୀ ବ୍ରହ୍ମପୁରକୁ ଆସିଥିଲେ। ତେବେ ବ୍ରହ୍ମପୁରସ୍ଥିତ ସିଟି ହାଇସ୍କୁଲ କେନ୍ଦ୍ରରେ ପରୀକ୍ଷା ସମୟରେ ଅଭାବନୀୟ ପରିସ୍ଥିତି ଦେଖାଦେଇଥିଲା। କେନ୍ଦ୍ରରେ ପରୀକ୍ଷା ପ୍ରଶ୍ନପତ୍ର ବଣ୍ଟନ ବେଳେ ନିୟମ ଅନୁଯାୟୀ ରହୁଥିବା ସିଲ୍ ନ ଥିଲା। ଏ ନେଇ ପରୀକ୍ଷାର୍ଥୀ କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ପ୍ରଶ୍ନପତ୍ର ବଦଳି କରାଯାଇଥିଲା। ପ୍ରଶ୍ନପତ୍ରରୁ ସିଲ୍ ନ ଥିବାକୁ ନେଇ ପରୀକ୍ଷାର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ କରିଛନ୍ତି ପରୀକ୍ଷାର୍ଥୀ। ଅନ୍ୟପକ୍ଷେ କେନ୍ଦ୍ର ଦାୟିତ୍ୱରେ ଥିବା ସୁପରିଣ୍ଟେଣ୍ଡେଣ୍ଟ ଗୋପାଳ ମିଶ୍ରଙ୍କ କହିବାନୁସାରେ, କେନ୍ଦ୍ର ପକ୍ଷରୁ ସରକାରୀ ନିୟମ ଅନୁସାରେ ସମସ୍ତ କାମ କରାଯାଇଛି। ପ୍ରଶ୍ନପତ୍ର ତ୍ରିସ୍ତରୀୟ ସୁରକ୍ଷାରେ ରହୁଛି। ପ୍ରଥମଟି ହେଲା ସଂସ୍ଥା ପକ୍ଷରୁ ଆସିବା ସମୟରେ ସିଲ୍ ରହୁଛି। ଦ୍ୱିତୀୟ କେନ୍ଦ୍ରରେ ପହଞ୍ଚିବା ପରେ ଶ୍ରେଣୀଗୃହରେ ପରୀକ୍ଷାର୍ଥୀଙ୍କ ସମ୍ମୁଖରେ ପ୍ୟାକେଟରେ ଥିବା ପ୍ରଶ୍ନପତ୍ରକୁ ସିଲ୍ ଖୋଲି ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା। ଶେଷରେ ପରୀକ୍ଷା ଖାତାରେ ରହିଥିବା ସିଲ୍ ଦୁଇଟି ଖାତାରେ ପୂର୍ବରୁ ନାହିଁ ବୋଲି କେନ୍ଦ୍ରରେ ପିଲାମାନେ ଅଭିଯୋଗ କରିଥିଲେ ଯାହା ପରେ ଆମେ ଉପନିରୀକ୍ଷକଙ୍କ ଉପସ୍ଥିତିରେ ପରିବର୍ତ୍ତନ କରିଥିଲୁ ବୋଲି କହିଛନ୍ତି। ପ୍ରଶ୍ନପତ୍ରରେ ଟ୍ୟାମ୍ପରିଂ ହୋଇନାହିଁ। ଘଟଣା ବିଷୟରେ ଅଭିଯୋଗକାରୀ ଜିଲାପ୍ରଶାସନଙ୍କୁ ଅଗବତ କରାଇବା ପରେ କେନ୍ଦ୍ରରେ ବରିଷ୍ଠ ଅଧିକାରୀ ଓ ପୋଲିସ ପହଂଚି ତନାଘନା କରିଥିଲେ।

### ଶହୀଦ ଦିବସ ପାଳିତ

ବ୍ରହ୍ମପୁର,୨୩।୩(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ସହରର ବିଭିନ୍ନ ସଂଗଠନ ପକ୍ଷରୁ ଶହୀଦ ଭଗତ ସିଂ, ଶିବରାମ ରାଜଗୁରୁ ଓ ସୁଖଦେବ ଥପ୍ପରଙ୍କ ଫାଶୀ ଦିବସ ରବିବାର ପାଳିତ ହୋଇଯାଇଛି। ମାନବବାଦୀ ହେତୁବାଦୀ ସଂଘ ପକ୍ଷରୁ ଶକ୍ତି ନଗରଠାରେ କାର୍ଯ୍ୟକ୍ରମରେ ସଂଘର ସଭାପତି ଇ ଟି ରାଓ ସଭାପତିତ୍ୱ କରିଥିଲେ। ସଂପାଦକ କେ ନାଗେଶ୍ୱ ସେନାପତି ଦିବସ ସଂପର୍କରେ ସୂଚନା ଦେଇଥିଲେ। କିଶୋର ଚନ୍ଦ୍ର ମିଶ୍ର, ସୁନେଜ କୁମାର ପାଣିଗ୍ରାହୀ, ଗାୟତୀ ପାଣିଗ୍ରାହୀଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ। ପୂଜ୍ୟପୂଜା ସମିତି ପକ୍ଷରୁ ବିଜିପୁର କମ୍ୟୁନିଟି ହଲ ପରିସରରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା।

### ପିପୁଲ୍‌ସ କଲେଜ ପ୍ରାଣୀ ବିଜ୍ଞାନ ବିଭାଗର ପୂର୍ବତନ ଛାତ୍ରୀଛାତ୍ର ସମ୍ମିଳନୀ

ବୁଗୁଡ଼ା,୨୩।୩ (କାଳିଚରଣ ଦାଶ)

ବୁଗଡ଼ା ପିପୁଲ୍‌ସ କଲେଜର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ୫ମ ଥର ପାଇଁ ପୂର୍ବତନ ଛାତ୍ରୀଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷ ହରିକୃଷ୍ଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ହେରିଡିଟି ବାଇଓସାଇନ୍‌ସ ସିଇଓ ଗୋପାଳକୃଷ୍ଣ ପୁରୋହିତ, ସମ୍ମାନିତ ଅତିଥି ଭାବେ ରିସର୍ଚ୍ଚ କୋଅର୍ଡିନେଟର ଶ୍ରୀରାମ ବେହେରା ଓ ସୁଶ୍ରୀ ସଙ୍ଗୀତା ଶୁଭଦର୍ଶିନୀ ଯୋଗ ଦେଇ ବିଭାଗର ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ। ପ୍ରାରମ୍ଭରେ ଛାତ୍ରୀ କ୍ରିଷ୍ଣାଶ୍ରୀ ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ସେମିନାର ସେକ୍ରେଟାରୀ ସ୍ମୃତି ସୁଚରିତା ନାୟକ ବାର୍ଷିକ ବିବରଣୀ ପଠନ କରିଥିଲେ। ଏ ଅବସରରେ ସହଯୋଗିତା ଭିତ୍ତିରେ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଓ ପରୀକ୍ଷଣ ଜ୍ଞାନର ବୃଦ୍ଧି ଲକ୍ଷ୍ୟରେ ପିପୁଲ୍‌ସ କଲେଜ, ବୁଗୁଡ଼ା ଏବଂ ହେରିଡିଟି ବାଇଓସାଇନ୍‌ସ, ଭୁବନେଶର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଅଧକ୍ଷତା କ୍ଷେତ୍ରରେ ପାରଙ୍ଗମତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଡେମୋନଷ୍ଟ୍ରେଟର୍ ରାମକୃଷ୍ଣ ନାୟକ ଓ ଅଧ୍ୟାପିକା ପ୍ରତୀକ୍ଷା ସାହୁଙ୍କ ଦ୍ୱାରା ପରିଚାଳିତ ଉକ୍ତ କାର୍ଯ୍ୟକ୍ରମର ଆରମ୍ଭରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା କ୍ରିଷ୍ଣା କୁମାରୀ ବାର୍ଗୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ମଧୁସ୍ମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଆକ୍ରମଣ ମାମଲାରେ ଯୁବକ ଗିରଫ

ଗୋପାଳପୁର,୨୩।୩(ନବୀନ ରାଜ ଆଚାରୀ)

ଉଦ୍ଧାର ଟଙ୍କା ମାଗିବାରୁ ଯୁବକଙ୍କୁ ଆକ୍ରମଣ କରିବା ମାମଲାରେ ରବିବାର ଗୋଳନ୍ଥରା ଥାନା ପୋଲିସ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବି.ମନହରା ଗ୍ରାମର ପ୍ରଶାନ୍ତ ଗୌଡ଼(୪୦)। ସୂଚନାନୁସାରେ, ଗୋଳନ୍ଥରା ଥାନା ଅଧିନସ୍ଥ କନିସି ହାଟ ଗ୍ରାମର ତ୍ରିନାଥ ସାସମଲ ଗତ କିଛିମାସ ତଳେ ବି.ମନହାର ଗ୍ରାମର ମମତା ଗୌଡ଼ଙ୍କୁ ପାଞ୍ଚ ହଜାର ଟଙ୍କା ଦେଇଥିଲେ। କିଛି ଦିନ ପରେ ମମତା ୨୫ ଶହ ଟଙ୍କା ତ୍ରିନାଥଙ୍କୁ ଦେଇଥିଲେ। ବିଭିନ୍ନ ସମୟରେ ବାକି ରହିଥିବା ୨୫ ଶହ ଟଙ୍କା ତ୍ରିନାଥ ମାଗିଥିଲେ ମଧ୍ୟ ମମତା ଦେଉନଥିଲେ। ୧୪ ତାରିଖ ସକାଳେ ତ୍ରିନାଥ ବି.ମନହରା ଗ୍ରାମକୁ ଯାଇ ମମତା ଓ ତାଙ୍କ ବାପା ରମେସ ଗୌଡ଼ଙ୍କ ସହ କଥା ହେଉଥିବା ବେଳେ ପ୍ରଶାନ୍ତ ଗୌଡ଼ ନଳା କାଟିରେ ତାଙ୍କୁ ଆକ୍ରମଣ କରି ରକ୍ତାତ କରିଦେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ।

### ଗଜପତିନଗର ପ୍ରାଥମିକ ବିଦ୍ୟାଳୟରେ ଆଲୁମ୍‌ନି କମିଟି ଗଠିତ




ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ପୋରେଟରଙ୍କ ସମେତ ଅନ୍ୟ ସଦସ୍ୟମାନେ।

ବ୍ରହ୍ମପୁର,୨୩।୩(ଅଶୋକ କୁମାର ସାହୁ)

ଗଜପତିନଗର ୫ମ ଲାଇନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଲୁମନି କମିଟି ଗଠିତ ହୋଇଛି। କମିଟିର ସଦସ୍ୟାସଦସ୍ୟ, ୩୫ନଂ. ୱାର୍ଡ କର୍ପୋରେଟର ସୀମର ମିଶ୍ର, ଶିକ୍ଷାବିତ ରାଜେନ୍ଦ୍ର କୁମାର ପଣ୍ଡା, ଗୋଇଲୁଣ୍ଡି କ୍ଲଷ୍ଟରର ସିଆରସିସି ଭଗବାନ ବିଶ୍ୱାଳ, ସ୍କୁଲ ପରିଚାଳନା କମିଟି ଚେୟାରପର୍ସନ ତପସ୍ୱିନୀ ବେହେରା, ସନ୍ଧ୍ୟା ବିଜନ ବାସିନୀ ସାହୁ, କୁମୁଦିନୀ ମଣ୍ଡଳ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁ, ସହକାରୀ ଶିକ୍ଷୟିତ୍ରୀ ମମତା ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷକ ଈଶ୍ୱର ବେହେରା ଅଧ୍ୟକ୍ଷତା କରିଥିଲେ। କମିଟିର ସଭାନେତ୍ରୀ ଭାବେ ଜ୍ୟୋତି ବିଶ୍ୱାଳଙ୍କୁ ମନୋନୀତ କରାଯାଇଥିଲା। ସଦସ୍ୟ ଭାବେ ରାଜେନ୍ଦ୍ର ପଣ୍ଡା, ନିରଂଜନ ଦାସ, ବିନୋଦ ମହାପାତ୍ର, କାହ୍ନା ଦାଶ, ରାମଚନ୍ଦ୍ର ସୁଆଁସିଆ, ଦେବରାଜ ବେହେରା, ସମୀର ଦାସ ଉପସ୍ଥିତ ଥିଲେ। ସ୍କୁଲର ବିକାଶ ପାଇଁ ସଦସ୍ୟ ପ୍ରଫୁଲ୍ଲ ପଶୁପାଳକ ମୋ ସ୍କୁଲ ଯୋଜନାରେ ୩ ହଜାର, ସଦସ୍ୟ ଅନୀଲ ସାହୁ ୩ ହଜାର, କର୍ପୋରେଟର ମିଶ୍ର ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ।

### ଜିଲା ଲେଖକ ସାମ୍ମୁଖ୍ୟର ନିର୍ବାଚନ

ଫୁଲବାଣୀ,୨୩।୩ (ରାକେଶ କୁମାର ରାଉତ)

ଜିଲା ଲେଖକ ସାମୁଖ୍ୟର ସାଧାରଣ ସଭା ଓ ଦିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସର୍ବ ସମ୍ମତି କ୍ରମେ ସଭାପତି ରୂପେ ରବୀନ୍ଦ୍ରନାଥ ମିଶ୍ର, ଉପସଭାପତି ରୂପେ ବିଜୟ ମହାନ୍ତି, ଅଶୋକ ମିଶ୍ର, ଡା. ଚିତ୍ତରଞ୍ଜନ ମିଶ୍ର ନିର୍ବାଚିତ ହୋଇଥିଲା ବେଳେ ସାଧାରଣ ସମ୍ପାଦକ ରୂପେ ପ୍ରସନ୍ନ ପଣ୍ଡା ନିର୍ବାଚିତ ହୋଇଛନ୍ତି। ସହ ସାଧାରଣ ସମ୍ପାଦକ ରୂପେ ଡା.ପୂର୍ଣ୍ଣେନ୍ଦୁ ତ୍ରିପାଠୀ, ଅଧ୍ୟାପିକା ଜ୍ୟୋର୍ତିମୟୀ କହଁର, ସଂଗଠନ ସମ୍ପାଦକ ରୂପେ ସନ୍ତୋଷ ସାହୁ, କୈଳାସ ଚନ୍ଦ୍ର ଧଳ, କୋଷାଧ୍ୟକ୍ଷ ରୂପେ କୁନ୍ଦନ ସିଂ, କାର୍ଯ୍ୟକାରୀ ସଦସ୍ୟ ରୂପେ ନାଭିଦତ୍ୟ ଦିଗାଲ, ରାମକୃଷ୍ଣ ବେହେରା, ଦୁର୍ଯ୍ୟୋଧନ ପ୍ରଧାନ, ସଦାଶିବ ପାତ୍ର, ହରପ୍ରିୟା ମିଶ୍ର, ଆରତୀ ପରିଚ୍ଛା ନିର୍ବାଚିତ ହୋଇଛନ୍ତି। ନବ କିଶୋର ରଥ ନିର୍ବାଚନ ପରିଚାଳନା କରିଥିଲେ। ବନ ବିହାରୀ ନନ୍ଦ, ନବୀନ କିଶୋର ପଣ୍ଡା, ମୋହନ ଦିଗାଲ, ଅସିତ୍ ନନ୍ଦ, କୁମୁଦିନୀ କହଁର ଉପସ୍ଥିତ ଥିଲେ ।

# କବିସୂର୍ଯ୍ୟ ବଳଦେବ ରଥ ବିଶ୍ୱବିଦିତ କବି

## 'ହେ ବସନ୍ତ' ଉଦ୍‌ଘାଟିତ

ଛତ୍ରପୁର,୨୩।୩(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ସଂସ୍କୃତି ବିକାଶ ପରିଷଦ ଏବଂ ଛତ୍ରପୁର ରୋଟାରୀ କ୍ଲବ ଆନୁକୂଲ୍ୟରେ ୩ ଦିନଆ ବସନ୍ତ ମହୋତ୍ସବ 'ହେ ବସନ୍ତ' ଉଦଘାଟିତ ହୋଇଯାଇଛି । ପ୍ରଥମ ଦିନ କାର୍ଯ୍ୟକ୍ରମ କବିସୂର୍ଯ୍ୟ ବଳଦେବ ରଥ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ କବିସୂର୍ଯ୍ୟ ବଳଦେବ ରଥ ଜଣେ ବିଶ୍ୱବିଦିତ କବି ଥିଲେ। କବିଙ୍କ ଅବବୈଦ୍ୟ କାବ୍ୟ କିଶୋର ଚନ୍ଦ୍ରାନନ ଚମ୍ପୁକୁ ଇଂଲିଶ ଭାଷାରେ ଅନୁବାଦ କରି ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ପ୍ରକାଶିତ ଓ ପ୍ରଣୀତ କରିବା ଉପରେ ଗୁରୁତ୍ୱାରୋପ କରିଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ଦକ୍ଷିଣାଞ୍ଚଳ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ଡ଼ଃ. କୁଳମଣି ଓଝା ଯୋଗଦେଇ କବିସୂର୍ଯ୍ୟ ବଳଦେବ ରଥଙ୍କ କିଶୋର ଚନ୍ଦ୍ରାନନ ଚମ୍ପୁ ସାହିତ୍ୟ ସଂସ୍କୃତି ଜୀବନରେ ଜନମାନସକୁ ଦିଗଦର୍ଶନ ଦେଇଆସିଛି ବୋଲି କହିଥିଲେ। ପରିଷଦର ସଭାପତି ସୂର୍ଯ୍ୟ ନାରାୟଣ ସାମନ୍ତରାୟ, ରୋଟାରୀୟାନ ପ୍ରଫୁଲ୍ଲ ପଟ୍ଟନାୟକ ସଧାରଣ ସମ୍ପାଦକ ଡ଼ଃ. ଅଜୟ କୁମାର ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ । କବି ବ୍ରଜ ମୋହନ ଆଚାର୍ଯ୍ୟ, ସାମାଜିକ କର୍ମୀ ଅରୁଣ କୁମାର ଶତପଥୀ ଏଂ ସଂସ୍କୃତି ବିକାଶ ପରିଷଦର କୋଷାଧ୍ୟକ୍ଷ ନିରଞ୍ଜନ ପାତ୍ର ସହଯୋଗ କରିଥିଲେ। ଛତ୍ରପୁର ଅଞ୍ଚଳର ବିଶିଷ୍ଟ ନାଟ୍ୟକାର ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ବେହେରାଙ୍କ ପରିବାରୁ,ପୋଡ଼ାପଦର ଅଞ୍ଚଳର ଶତାୟୁ କଳାକାର ରବିନ୍ଦ୍ର ନାଥ ପଣ୍ଡା, ଓଡ଼ିଶୀ ଶିଳ୍ପୀ ନୃତ୍ୟଗୁରୁ ନମିତା ରାୟ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରୋଟାରୀ କ୍ଲବ ସଭାପତି ବିମଳ ସାହୁ ଧନ୍ୟବାଦ ଦେଇଥିଲେ ।



ସମ୍ବର୍ଦ୍ଧିତ କରାଯାଉଛି।

## ସଂକ୍ଷେପରେ

### ରୋଷେଇବେଳେ ମହିଳା ଅର୍ଦ୍ଧଦଗ୍ଧ

ଦିଗପହଣ୍ଡି,୨୩।୩(ଅଶେଷ ନାଥ ମିଶ୍ର)

ସାନଖେମୁଣ୍ଡି ବ୍ଲକ୍ ଆଡ଼ପଡ଼ା ପଞ୍ଚାୟତ ବାଲିଆ ଗ୍ରାମରେ ରବିବାର ସକାଳେ ଝିଲି ସ୍ୱାଇଁ(୩୫) ନିଆଁରେ ପୋଡ଼ି ଅର୍ଦ୍ଧଦଗ୍ଧ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଏକୁଟିଆ ରହୁଥିଲେ। ୨ ପୁଅ ଅନ୍ୟ ରାଜ୍ୟରେ କାମ କରୁଛନ୍ତି। ସକାଳେ ଗ୍ୟାସରେ ରୋଷେଇ କରୁଥିବା ବେଳେ ଅସାବଧାନତା କାରଣରୁ ପିନ୍ଧା ଲୁଗାରେ ନିଆଁ ଲାଗି ଯାଇଥିଲା। ସାହି ପଡୋଶୀ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଅଧିକା ଚିକିତ୍ସା ନିମନ୍ତେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ବର୍ଣ୍ଣ ୱାର୍ଡରେ ଭର୍ତ୍ତି କରାଯାଇଛି। ତାଙ୍କ ଶରୀରର ପ୍ରାୟ ୫୦ ପ୍ରତିଶତ ପୋଡ଼ି ଯାଇଛି।

### ଦୁର୍ଘଟଣାରେ ଆହତଙ୍କ ପରିବାରକୁ ସହାୟତା

ଚିକିଟି,୨୩।୩(ପ୍ରକାଶ ଚନ୍ଦ୍ର ସାହୁ)

କେ.ନୂଆଗାଁ ଥାନା ଚିକିଟି ଫାଣ୍ଡି ଅନ୍ତର୍ଗତ ଟାମଣାଘାଟି ମାଧୁରୀ ଗ୍ରାମରେ ସ୍କୁଟି ସହିତ ବୁଲେଟ ଧକ୍କାରେ ୨ ସ୍କୁଟି ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଚିକିଟି ପେଣ୍ଠର ସହଦେବ ସାହୁ ଓ କୋଳଥୁଆ ଗ୍ରାମର ବଳରାମ ନାଇକ। ଦୁର୍ଘଟଣା ଖବର ପାଇ ଚିକିଟି ତହସିଲଦାରଙ୍କ ଗାଡ଼ିରେ ଉଭୟଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଚିକିଟି ମେଡିକାଲକୁ ଅଣାଯାଇଥିଲା। ପରେ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପରେ ବଳରାମ ନାୟକଙ୍କୁ ବିଶାଖାପାଟଣା ସ୍ଥିତ ମୋଦିକୋଭର ମେଡିକାଲକୁ ସ୍ଥାନାନ୍ତର କରାଗଲା। ସେ ଘରକୁ ଏକ ମାତ୍ର ରୋଜଗାରିଆ ପୁଅ ଥିଲେ। ତାଙ୍କ ସହିତ ଦୁଇ ଅବବାହିତା ଝିଅ ଓ ବିଧବା ମା' ଗୁହନ୍ତି। ଡାକ୍ତରଙ୍କ ପରାମର୍ଶରେ ତାଙ୍କ ମସ୍ତିଷ୍କର ଅପେରସନ ଅତି ଆବଶ୍ୟକ ରହିଛି। ଅପେରସନ ପାଇଁ ୨ ଲକ୍ଷ ଆବଶ୍ୟକ ରହିଛି। ତାଙ୍କ ପରିବାରର ଆର୍ଥିକ ପରିସ୍ଥିତି ଠିକ୍ ନାହିଁ। ଏହି ଖବର ଜାଣିବା ପରେ ସେବା ସଂସ୍ଥାନର ସଭ୍ୟମାନେ ଅବସର ପ୍ରାପ୍ତ ଶିକ୍ଷକ କିଶୋର ପାଢ଼ୀ ଓ ସେବା ସଂସ୍ଥାନର ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ତାଙ୍କ ଘରକୁ ଯାଇ ୨୦ ହଜାର ଟଙ୍କା ଆର୍ଥିକ ସାହାଯ୍ୟ କରିଥିଲେ। ତାଙ୍କ ପରିବାର ଓ ଗ୍ରାମବାସୀ ସେବା ସଂସ୍ଥାନର ସହଯୋଗରେ ଖୁସି ପ୍ରକଟ କରିଥିଲେ। ଅନ୍ୟ କେହି ବଦାନ୍ୟ ବ୍ୟକ୍ତି ଓ ସଂସ୍ଥା ସହଯୋଗ କରିବାକୁ ଅନୁରୋଧ କରିଥିଲେ।

### ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପାତ୍ରପୁର, ୨୩।୩(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ନୂଆପେଣ୍ଠ କ୍ଲଷ୍ଟର ଅନ୍ତର୍ଗତ ଗୋଠଗାଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ର ମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଛନ୍ତି। ଆଗାମୀ ଶିକ୍ଷା ବର୍ଷରେ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଛାଡ଼ି ଅନ୍ୟ ବିଦ୍ୟାଳୟକୁ ଯାଉଥିବାରୁ ଏହି ସମ୍ବର୍ଦ୍ଧନା ପର୍ବ ପାଳନ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସଦାନନ୍ଦ ଶବର, ସିଆର୍‌ସିସି ରାଜେଶ ପ୍ରଧାନ, ଶିକ୍ଷକନେତା ଟୁଟୁ ପ୍ରଧାନ, ସହକାରୀ ଶିକ୍ଷକ ଦୁଃଖା ପ୍ରଧାନ, ଚନ୍ଦ୍ରକାନ୍ତ ଚୌଧୁରୀ ପ୍ରମୁଖଉପସ୍ଥିତ ରହି ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ଭଲ ପାଠ ପଢି ନିଜକୁ ସୁନାଗରିକ ରୂପେ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ। ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

### ପଞ୍ଚାୟତସ୍ତରୀୟ ବିଶ୍ୱଶାନ୍ତି ନାମଯଜ୍ଞ

ଖଜୁରିପଡ଼ା, ୨୩।୩ ( ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ଦଳପଡ଼ା ଜରିସାହି ଛକଠାରେ ପଞ୍ଚାୟତସ୍ତରୀୟ ୨୪ ପ୍ରହର ବିଶ୍ୱ ଶାନ୍ତି ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ପ୍ରହର ଦଳପଡ଼ା ପଞ୍ଚାୟତବାସୀଙ୍କ ମିଳିତ ଆନୁକୂଲ୍ୟରେ ଏବଂ ସହଯୋଗରେ ଚାଲିଛି। ମାର୍ଚ୍ଚ ୨୦ ଗୁରୁବାର ଦିନରୁ ଆରମ୍ଭ ହୋଇ ୨୪ ତାରିଖ ସୋମବାରରେ ପୂର୍ଣ୍ଣାହୁତି ହେବ। ଗୁରୁବାର ଦିନ କଳସ ଯାତ୍ରା ମହା ଆଡ଼ମ୍ବର ସହକାରେ ହୋଇଥିବା ବେଳେ ଶୁକ୍ରବାର ଦିନ ପୁରୋହିତ ଦ୍ୱାରା ନୀତି କାନ୍ତି ଅନୁଯାୟୀ ପୂଜା ଅର୍ଚ୍ଚନା କରି ନାମ ଯଜ୍ଞ କରାଯାଇଛି। ଏହା ଦୀର୍ଘ ୪ ଦିନ ଧରି ଚାଲିବ। ଭକ୍ତ ଶ୍ରଦ୍ଧାଳୁ ମାନେ ଦର୍ଶନ ନିମନ୍ତେ ସମାଗମ ହୋଇଛନ୍ତି। ଭକ୍ତ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଅନ୍ନଭୋଗ ପାଇଁ ଆନନ୍ଦ ବଜାର ଖୋଲା ରହିଛି । ଏହି ଅଖଣ୍ଡ ନାମଯଜ୍ଞ ଚାଲିଥିବାରୁ ଅଞ୍ଚଳରେ ଭକ୍ତି ମୟ ପରିବେଶ ସୃଷ୍ଟି ହୋଇଛି ।

# ଉନ୍ନୟନ କାର୍ଯ୍ୟ ଦେଖିଲେ, ମହିଳା ଚାଷୀଙ୍କ ସହ ଆଲୋଚନା କଲେ

## କମିଶନର ତଥା ପ୍ରମୁଖ ଶାସନ ସଚିବଙ୍କ ଗଞ୍ଜାମ ଜିଲା ଗସ୍ତ

ଛତ୍ରପୁର/ଖଲ୍ଲିକୋଟ, ୨୩।୩
(ଦିଲ୍ଲୀପ ସାମଲ/ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡିକ କିପରି ପରିଚାଳନା ହେଉଛି, ଜନ ସାଧାରଣ କିଭଳି ଉପକୃତ ହେଉଛନ୍ତି ସେ ସମ୍ପର୍କରେ ତଦାରଖ ପାଇଁ ଗଞ୍ଜାମ ଜିଲା ପାଇଁ ନିଯୁକ୍ତ ହୋଇଥିବା ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର ରବିବାର ଗଞ୍ଜାମ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ପୂର୍ବାହ୍ନରେ ସେ ଖଲ୍ଲିକୋଟ ବ୍ଲକ ଲଙ୍ଗେଳେଶ୍ୱର ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମଣିନାଗେଶ୍ୱର ସିଲେଇ କେନ୍ଦ୍ର ପରିଦର୍ଶନ କରି କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ସେମାନଙ୍କୁ ସବୁ କ୍ଷେତ୍ରରେ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ସଚିବ ମିଶ୍ର ଖଲ୍ଲିକୋଟ ଆର୍ଟ କଲେଜ ପରିଦର୍ଶନ କରିଥିଲେ। ଗଞ୍ଜାମ ବ୍ଲକର ରାମଗଡ ଅର୍କିଡ ଫୁଲଚାଷ ସ୍ଥଳ ପରିଦର୍ଶନ କରିଥିଲେ। କିଆଫୁଲରୁ କିଭଳି ଅତର ପ୍ରସ୍ତୁତ ହେଉଛି ତାହାର ପ୍ରସ୍ତୁତି ପଦ୍ଧତି ସମ୍ପର୍କରେ ଫୁଲଚାଷ କରିଥିବା ମହିଳାମାନଙ୍କୁ ପଚାରି ବୁଝିଥିଲେ । ଏଥିସହ ସେ ଚମାଖଣ୍ଡି ଗ୍ରାମ୍ୟ ଶିଳ୍ପ ପାର୍କ, ଛତ୍ରପୁର ଏନଏସିସ୍ଥିତ ଆହାର କେନ୍ଦ୍ର ଓ ମିଶନ ଶକ୍ତି କେଫ, ରଙ୍ଗେଇଲୁଣ୍ଡା ବ୍ଲକ ପୁକୁଡିବନ୍ଧ, ଭାବି ନାରାୟଣପୁର ଅନ୍ୱେଷା ଛାତ୍ର ଓ ଛାତ୍ରୀ ନିବାସ, କନିଷିସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଆବାସିକ ଛାତ୍ରାବାସ ଏବଂ ମନ୍ଦ୍ରିଡି ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକର ଅନୁଧ୍ୟାନ କରିଥିଲେ। ସଚିବଙ୍କ ଏହି ଗସ୍ତ ସମୟରେ ଗଞ୍ଜାମ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ବ୍ରହ୍ମପୁର ଉପ ଜିଲାପାଳ ଦିନା ଦସ୍ତଗିରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ଖଲ୍ଲିକୋଟରେ ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର ମହିଳାମାନଙ୍କ ସହ ଆଲୋଚନା କରୁଛନ୍ତି।

# ତୃତୀୟ ଥର ଏସ୍‌ପିଙ୍କୁ ଜଣାଇବା ପରେ ତଦନ୍ତ ହେଲା

## ଚୋରି ଘଟଣାର ୮ ମାସ ପରେ ବି ପୋଲିସ ହାତ ଖାଲି

ଚିକିଟି,୨୩।୩(ପ୍ରକାଶ ଚନ୍ଦ୍ର ସାହୁ)

କେ. ନୂଆଗାଁ ଥାନା ନୂଆପଡା ଫାଣ୍ଡି ଅନ୍ତର୍ଗତ ଦଉଣି ଗ୍ରାମର ସୁଲତା ପଟ୍ଟନାୟକଙ୍କ ଘରୁ ଗତ ଜୁଲାଇ ୧୯ରେ ଲକ୍ଷାଧିକ ଟଙ୍କାର ସୁନାରୁପା ଗହଣା ଚୋରି ହୋଇଥିଲା। ଘଟଣାକୁ ୮ ମାସ ରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ନୂଆପଡା ଫାଣ୍ଡି ପୋଲିସ ଅଭିଯୁକ୍ତଙ୍କୁ ଧରିପାରିନାହିଁ। ଏନେଇ ସୁଲତା ୨୦।୩।୨୫ରେ ବ୍ରହ୍ମପୁର ଏସ୍‌ପି ଡ଼. ଶ୍ରବଣ ବିବେକ ଏମ୍‌ଙ୍କୁ ସାକ୍ଷାତ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଏହା ପୂର୍ବରୁ ସେ ୩୦।୮।୨୦୨୪ ଓ ୨୮।୧୧।୨୦୨୪ରେ ମଧ୍ୟ ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଥିଲେ। ତେବେ ୨୦ ତାରିଖରେ ଅଭିଯୋଗ ପରେ ରବିବାର ମଧ୍ୟାହ୍ନରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ଚିକିଟି ଏସଡ଼ିପିଓ ବିଶାମିତ୍ର ହରପାଲ, କେ. ନୂଆଗାଁ ଥାନା ଅଧିକାରୀ କିଶୋର ସାମଲ, ନୂଆପଡା ଫାଣ୍ଡି ଅଧିକାରୀ ବାର୍ଲା ଦାଉଣୀ ଗ୍ରାମରେ ପହଞ୍ଚି ସୁଲତାଙ୍କ ସହ ଆଲୋଚନା କରି ଏହାର ତଦନ୍ତ କରି ଫେରିଛନ୍ତି। ନୂଆପଡା ଫାଣ୍ଡି ଅଧିକାରୀ ଜଗବନ୍ଧୁ ବାର୍ଲା ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଉଥିବାରୁ ଚୋରି ସାମଗ୍ରୀକୁ ଉଦ୍ଧାର ହୋଇ ପାରୁ ନ ଥିବା ସୁଲତା ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ, ସୁଲତା ଜୁଲାଇ ୧୯ରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଗ୍ରିଲ ତାଲା ଭାଙ୍ଗି ଘରେ ପଶି ୮ ଭରି ସୁନା ଅଳଙ୍କାର, ୨୮ ଭରି ରୁପା ଅଳଙ୍କାର ଚୋରି କରି ନେଇଥିଲେ। ଏନେଇ ସେ ନୂଆପଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ ।

# ସଚେତନତା ବାର୍ତ୍ତା ଦେଲା ନାଟକ ଜଙ୍ଗଲ ଜଳୁଛି



ନାଟକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ପାରଳାଖେମୁଣ୍ଡି,୨୩।୩(ଗିରିଧାରୀ ପରିଛା)

- ପରିବେଷଣ କରିଥିଲେ ପାରଳାଖେମୁଣ୍ଡି ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟ
- ନାଟ୍ୟ ସଂସଦ ଛାତ୍ରୀଛାତ୍ର

ବିଶ୍ୱ ବନ ଦିବସ ଅବସରରେ ପାରଳାଖେମୁଣ୍ଡି ବନଖଣ୍ଡ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟ ନାଟ୍ୟ ସଂସଦର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରି ନାଟକ ପରିବେଷଣ କରିଛନ୍ତି। ବନ ସଂରକ୍ଷଣ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇ ନାଟକ 'ଜଙ୍ଗଲ ଜଳୁଛି' ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ (ପ୍ରୋବେସନ) ସିଦ୍ଧାର୍ଥ ଜୈନ, ଉପଜିଲାପାଳ ଅନୁପ ପଣ୍ଡା, ସହାୟକ ବନ ସଂରକ୍ଷକ ଅରୁଣ ସାହୁ, ସହାୟକ ବନ ସଂରକ୍ଷକ ସାଇନଶ୍ରୀ ଦାଶ, ଦେବଗିରି ରେଞ୍ଜ ଅଫିସର ବ୍ରହ୍ମାନନ୍ଦ ସାହୁ, ବିଶ୍ୱ ବିଦ୍ୟାଳୟର ଡ. ରିତେଶ କୁମାର, ସ୍କୁଲ ଅଫ ଭେଟେରିନାରୀ ଆଣ୍ଡ ଆନିମଲ ସାଇନ୍ସର ଅଧ୍ୟକ୍ଷ ଡ. ଏମ. ଜି. ଜୟଥଙ୍ଗ ରାଜନ, ସାଂସ୍କୃତିକ ସଂଯୋଜକ ଡ. ଆଶୀର୍ବଚନ ମହାପାତ୍ର, ନାଟ୍ୟ ସଂସଦ ସଂଯୋଜକ ଚନ୍ଦ୍ରଶେଖର ସାହୁ, ନୃତ୍ୟ ସଂସଦ ସଂଯୋଜକ ଉପାସନା ସାହୁ ଓ ଡ. ଅବିନାଶ ପଲ୍ଲୀ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ନାଟକରେ କୁମାର ସ୍ଥିତପ୍ରଜ୍ଞ, ଅମର ମିଶ୍ର, ଆକାଶ ପଟ୍ଟନାୟକ, ଚିନ୍ମୟ ଘୋଷ, ଟି ହ୍ରିତେଶ ବାବୁ, ସାଇ ଗୌତମ ସାହୁ, ଭବାନୀ ଶଙ୍କର ପାଇକରାୟ, କ୍ରିଷ୍ଣା କୁମାରୀ ପାଣିଗ୍ରାହୀ, ଯାଜ୍ଞସେନୀ ଅଧିକାରୀ, ରାଇନାରାଜ ସୁବୁଦ୍ଧି, ମଧୁସ୍ମିତା ସାହୁ ଓ ପ୍ରତ୍ୟାଶା ଶ୍ରୀଚନ୍ଦନ ଅଭିନୟ କରିଥିଲେ। ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏହି ନାଟକ ପାଇଁ କଳାକାରମାନଙ୍କୁ ୧୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଛାତ୍ରୀଛାତ୍ରଙ୍କ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଉପସ୍ଥିତ ଅତିଥିମାନେ ନାଟକର ପ୍ରଶଂସା କରି କହଥିଲେ।

### ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ ଆକଳନ ପରୀକ୍ଷା

ରାଇକିଆ,୨୩।୩କ (ପ୍ରଦୀପ ବେହେରା)

ରାଇକିଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ୧୨ଟି ପଞ୍ଚାୟତରେ ଥିବା ୨୪ଟି କ୍ଲଷ୍ଟରର ବିଭିନ୍ନ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ଭାରତ ସରକାରଙ୍କର ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନ୍ତର୍ଗତ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଆକଳନ ପରୀକ୍ଷାର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି । ଗ୍ରାମୀଣ ସ୍ତରରେ ଥିବା ନିରକ୍ଷର ବ୍ୟକ୍ତି ବିଶେଷଙ୍କୁ ସାକ୍ଷର କରିବା ପାଇଁ ଦୀର୍ଘ ବର୍ଷ ଧରି ସରକାରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ଚଳିତ ଶିକ୍ଷା ବର୍ଷର ରବିବାର ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟରେ ରାଇକିଆ ବ୍ଲକ ରେ ୭୧୧ ଜଣ ମହିଳା ଓ ପୁରୁଷ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡ଼ି ବନ୍ଧୁ ବେହେରାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମର ବ୍ଲକ ନୋଡାଲ ଅଧିକାରୀ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସିମାଦ୍ରି କହଁର ବିଭିନ୍ନ ପରିକ୍ଷା କେନ୍ଦ୍ର ଗୁଡ଼ିକୁ ପରିଦର୍ଶନ କରିଥିଲେ। ପ୍ରଧାନ ଶିକ୍ଷକ ଓ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ପରିଚାଳନା ରେ ସହାୟତା ପ୍ରଦାନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ଏହି ପରୀକ୍ଷାର ପ୍ରଥମ ପର୍ଯ୍ୟାୟ ରେ ୯୦୧ ଜଣ କୃତକାର୍ଯ୍ୟ ହୋଇଥିଲେ ।

# ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା


ଶିକ୍ଷକ ସଞ୍ଜୀବ ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଆର.ଉଦୟଗିରି,୨୩।୩(ମନୋଜ ପାଢୀ)

ଗଜପତି ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ତରଫରୁ ରବିବାର ରାଜ୍ୟସ୍ତରେ ପୁରସ୍କୃତ ଜଣେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେ ହେଲେ ମୋହନା ବ୍ଲକର ଜିରାଙ୍ଗ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସଞ୍ଜୀବ ଦାସ। ଜିଲାରେ ୧୨ବର୍ଷ ଧରି ଜୁନିୟର ରେଡକ୍ରସରେ ନିଷ୍ଠାପର ଭାବେ କାର୍ଯ୍ୟ କରିଥିବାରୁ ଶିକ୍ଷକ ଦାସଙ୍କୁ ରାଜ୍ୟପାଳ ଡ. ହରିବାବୁ କୁମ୍ଭମପତି ନିକଟରେ ପୁରସ୍କୃତ କରିଥିଲେ। ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ଡ଼. ମାୟାଧର ସାହୁ, ଜିଲା ବିଜ୍ଞାନ ପରିଦର୍ଶକ ଆମ୍ପୁଲ ରବି କୁମାର, ଜିଲା କ୍ରୀଡା ନିରୀକ୍ଷକ ସୁରେନ୍ଦ୍ର ପାତ୍ର, ଜିଲା ରେଡକ୍ରସ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ପାଠୀ, ସହ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ, ଜିଲା ରେଡକ୍ରସର ସମ୍ବଳ ସାଧନକର୍ମୀ ଧର୍ମ ରାଓ, ଟାଗୋର ମେମୋରିଆଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃନ୍ଦାବନ ପାତ୍ର ଏବଂ ଅନ୍ୟମାନେ ଉପସ୍ଥିତ ଶିକ୍ଷକ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସ୍ୱାସ୍ଥ୍ୟ ସେବା ଓ ବନ୍ଧୁତା ମୋ ଜୀବନର ଶ୍ରେଷ୍ଠ ବ୍ରତ ଏବଂ ରେଡକ୍ରସ ପାଇଁ ମୁଁ ଉତ୍ସର୍ଗୀକୃତ ବୋଲି ଦାସ ନିଜର ବକ୍ତବ୍ୟରେ କହିଥିଲେ।

# ଟାଙ୍ଗଣାପଲ୍ଲୀ ପଞ୍ଚାୟତରେ ଭାଜପାର ମିଶ୍ରଣ ପର୍ବ

ଛତ୍ରପୁର,୨୩।୩
(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ)

ଛତ୍ରପୁର ବ୍ଲକ ଅନ୍ତର୍ଗତ ପୁଟବଗଡ଼ ଗ୍ରାମ ନିକଟରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟାଙ୍ଗଣାପଲ୍ଲୀ ସରପଞ୍ଚ ବି. ସୁଦାମ, ସମିତିସଭ୍ୟା ମିନା କୁମାରୀ ସାହୁ, ଶିକ୍ଷାବିତ କୋରା ମହାରଣା, ଅମରେଶ ସାହୁ, ପ୍ରଶାନ୍ତ କୁମାର ପ୍ରଧାନ ଓ କେ.ଟି.ଏନ.ପୁର ଶ୍ୟାମକାଳୀ ଯୁବକ ସଂଘ ସମେତ ବହୁ ୱାର୍ଡ ସଭ୍ୟ ଏବଂ ପଞ୍ଚାୟତର ବହୁ ଲୋକ ବିଭିନ୍ନ ଦଳ ଛାଡି ଭାଜପାରେ ମିଶିଛନ୍ତି। ବିଧାୟକ ନାୟକ ସେମାନଙ୍କୁ ସ୍ୱାଗତ କରିଥିଲେ। ଟାଙ୍ଗଣାପଲ୍ଲୀ ମଣ୍ଡଳ ସଭାପତି ସମ୍ପଦ ନାହାକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ସମ୍ପାଦକ ପଦ୍ମ ଚରଣ ସାହୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏମ୍‌ପି ପ୍ରତିନିଧି ଆର. ସନ୍ତୋଷ ରେଡ୍ଡୀ, ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ଶାରଦା ରେଡ୍ଡୀ, ଓବିସି ମୋର୍ଚ୍ଚା ସାଧାରଣ ସଂପାଦକ ବି.ଶଙ୍କର ରେଡ଼ି, ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଂଯୋଜକ ବସନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ନୂତନ କର୍ମୀଙ୍କୁ ସ୍ୱାଗତ କରୁଛନ୍ତି।

### ରମାକାନ୍ତ ରଥଙ୍କ ସ୍ମୃତିସଭା

ଆସିକା,୨୩।୩(ସୁରେନ୍ଦ୍ର ନାଥ ସାହୁ)

ସମ୍ଭାବନା ସାରସ୍ୱତ ସାଂସ୍କୃତିକ ପରିଷଦ ପକ୍ଷରୁ ରବିବାର ଆସିକା ବ୍ଲକ ନୂଆଗାଁସ୍ଥିତ ପରିଷଦ କାର୍ଯ୍ୟାଳୟରେ ପଦ୍ମ ଭୂଷଣ ସ୍ୱର୍ଗତ କବି ରମାକାନ୍ତ ରଥଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ରବୀନ୍ଦ୍ର କୁମାର ମଲ୍ଲଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଭାପତି ଶରତ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ । ସରପଞ୍ଚ ଗିତାଞ୍ଜଳି ସାହୁ, ଆଦର୍ଶ ନାୟକ, ବିଘ୍ନରାଜ ପଣ୍ଡା, ବିକ୍ରମ ସାହୁ, ବଂଶୀଧର ରଥ ପ୍ରମୁଖ ଯୋଗଦେଇ ପଦ୍ମ ଭୂଷଣ ରମାକାନ୍ତ ରଥଙ୍କ ବିୟୋଗ ଓଡିଆ ଭାଷା ସାହିତ୍ୟରେ ପ୍ରଦ୍ୟୁମ୍ପମାନ ସୂର୍ଯ୍ୟର ଅବସାନ ଘଟିଲା ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଶ୍ରଦ୍ଧାଳିପୂର୍ଣ୍ଣ କବିତା ପାଠ କରାଯାଇଥିଲା । ବୃନ୍ଦାବନ ବାଡତ୍ୟା, ସନ୍ତୋଷ କୁମାର ପାଣି, ଲକ୍ଷ୍ମଣ ବେହେରା, ବୁଦ୍ଧିରାମ ନାହାକ ପ୍ରମୁଖ କବିତାରେ ସ୍ମୃତିଚାରଣ କରିଥିଲେ।

# ୨୭ରେ କଂଗ୍ରେସର ବିଧାନସଭା ଘେରାଉ ନେଇ ବୈଠକ

ଆର.ଉଦୟଗିରି/ ନୂଆଗଡ଼, ୨୩।୩
(ମନୋଜ ପାଢୀ/ ଯୋଗ୍ୟବନ୍ତ ପରିଛା)

ପିସିସି ସଭାପତି ଭକ୍ତ ଚରଣ ଦାସ ଆସନ୍ତା ୨୭ରେ ବିଧାନସଭା ଘେରାଉ ନେଇ କଂଗ୍ରେସ ପକ୍ଷରୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରୂପରେଖ ସମ୍ପର୍କରେ ଗଜପତି ଜିଲା ଆର. ଉଦୟଗିରି ବ୍ଲକ କଂଗ୍ରେସ କମିଟି ସ୍ଥାନୀୟ ଏକ କଲ୍ୟାଣମଣ୍ଡପଠାରେ ପ୍ରଥମେ ହୋଇ ଆଲୋଚନା ହୋଇଥିଲା। ପରେ କାର୍ଯ୍ୟକ୍ରମ ସମ୍ପର୍କରେ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ରାଜ୍ୟରେ ନାରୀ ନିର୍ଯାତନା ଦିନକୁ ଦିନ ବଢି ଚାଲିଥିବା, ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଥିବା ଏବଂ ନିର୍ବାଚନ ଇସ୍ତାହାରରେ ଭାଜପା ଦେଇଥିବା ପ୍ରତିଶ୍ରୁତି ସରକାର ଗଠନର ୧୦ ମାସ ପରେ ମଧ୍ୟ ପୂରଣ କରିବାରେ ବିଫଳ ହୋଇଛି। ଏହାର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କରିବାକୁ ଆହ୍ୱାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ଉପରେ ବ୍ଲକ କଂଗ୍ରେସ ପକ୍ଷରୁ ଆଲୋଚନା ହୋଇଛି ବୋଲି ଦଳର ମୋହନା ପର୍ଯ୍ୟବେକ୍ଷକ ଲକ୍ଷ୍ମଣ ବଳିଆରସିଂ, ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମୀ ପାଇକ କହିଛନ୍ତି। ଶବରପୋଲି ସମିତିସଭ୍ୟ ମାଣିକ ପାଇକ, ସ୍ଥାନୀୟ ସମିତିସଭ୍ୟା ଜୁନୁ ବେହେରା, ବିଜୟ ଲିମା, ସାମଶନ ମଳିକ, ଜୟରାମ ରଇତ, ଏଲିଅ ରଇତ, ଫିଲିପି ମାଲି, ଶେଖର ଗୌଡ, ପାଉଳ ମଡଙ୍ଗିଆ,ଭୀମ ରଇତଙ୍କ ସମେତ ଅନ୍ୟମାନେ ବୈଠକରେ ଉପସ୍ଥିତ ଥିଲେ ।

ସେହିପରି ନୂଆଗଡ଼ରେ ମଧ୍ୟ ବ୍ଲକ କଂଗ୍ରେସ ପକ୍ଷରୁ ଆଗାମୀ ୨୭ରେ ବିଧାନସଭା ଘେରାଉ ନେଇ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଭାଜପା ସରକାରର ବିଫଳତା ସମ୍ପର୍କରେ ବାର୍ତ୍ତା ସବୁ ଗ୍ରାମରେ ପହଞ୍ଚାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ପରେ କର୍ମକର୍ତ୍ତାମାନେ ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଛନ୍ତି। ଜିଲା କଂଗ୍ରେସ ପର୍ଯ୍ୟବେକ୍ଷକ ଗୋପାଳ ଦଳାଇ, ବ୍ଲକ କଂଗ୍ରେସ ସଭାପତି ଜକୁବ ରାଇକା, ସମ୍ପାଦକ ମୀନ ମଣ୍ଡଳଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ହାଟପଦା ନଳକୂପ ଅଚଳ: ଯାତ୍ରୀ, ବ୍ୟବସାୟୀ ହନ୍ତସନ୍ତ

ରାମଗିରି,୨୩।୩(ବୃନ୍ଦାବନ ଗୌଡ଼)

ଗ୍ରୀଷ୍ମ ଆରମ୍ଭରୁ ଗଜପତି ଜିଲା ଆର.ଉଦୟଗିରି ବ୍ଲକ୍ ରାମଗିରି ଗ୍ରାମପଞ୍ଚାୟତ ହାଟପଦା ଠାରେ ଜଳ ସଙ୍କଟ ଦେଖାଦେଲାଣି। ୧୦ ଦିନ ହେଲା ହାଟପଦା ଗାନ୍ଧୀ ଛକ ନିକଟରେ ଥିବା ବିଶ୍ରାମଗାର ସମ୍ମୁଖରେ ଏକ ନଳକୂପ ଅଚଳ ହୋଇପଡିଛି। ଯାହା ଫଳରେ ନିକଟରେ ବ୍ୟବସାୟ କରୁଥିବା ଜଳଖିଆ ଦୋକାନୀଙ୍କ ସହ ସ୍ଥାୟୀବାସୀ ଏବଂ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ ଓ ଜନସାଧାରଣ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଏହି ନଳକୂପ ଅଚଳ ହେବା ବିଷୟରେ ସ୍ଥାନୀୟ ସରପଞ୍ଚ ସସ୍ମିତା କାର୍ଜୀ ଓ ନାଏବ ସରପଞ୍ଚ ରାଜେନ୍ଦ୍ର କୁମାର ମାଝୀଙ୍କୁ ପଚାରି ବୁଝିବାରୁ ବର୍ତ୍ତମାନ ରାଜ୍ୟରେ ଏସିଏମ୍ କର୍ମଚାରୀଙ୍କ ଧାରଣା ଚାଲିଥିବାରୁ ନଳକୂପ ଗୁଡ଼ିକ ମରାମତି ହୋଇପାରୁନାହିଁ। ବିଡ଼ିଓଙ୍କ ସହ ଯୋଗାଯୋଗ କରାଯାଇ ଜଳବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ସହଯୋଗ କରି ସ୍ଥାନୀୟ ନଳକୂପ ଖୁବଶୀଘ୍ର ମରାମତି କରାଯିବ ବୋଲି ସରପଞ୍ଚ କହିଥିଲେ। ଅନ୍ୟପଟେ ଦିନରେ ପ୍ରବଳ ଖରା ହେଉଥିବାରୁ ତୁରନ୍ତ ଜଳ ଛତ୍ର ଖୋଲିବା ପାଇଁ ଜନସାଧାରଣ ଦାବି କରିଛନ୍ତି।


ଅଚଳ ନଳକୂପ

# ଋଷିକୁଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟିର ପଦଯାତ୍ରା

## ପ୍ରସ୍ତାବିତ ପିପଲପଙ୍କା ଡ୍ୟାମ ନିର୍ମାଣ ବାତିଲ ଦାବି

ଛତ୍ରପୁର,୨୩।୩
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ସୋରଡ଼ା ବ୍ଲକ ପିପଲପଙ୍କାରେ ଋଷିକୁଲ୍ୟା ନଦୀର ଜଳକୁ ଅଟକାଇ ଏକ ଡ୍ୟାମ ନିର୍ମାଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ବିରୋଧ କରି ଋଷିକୁଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗତ ୧୬ ତାରିଖରୁ ଋଷିକୁଲ୍ୟା ସୁରକ୍ଷା ପଦଯାତ୍ରା ଚାଲିଛି । ୧୦ ଦିନ ଚାଲିବାକୁ ଥିବା ଏହି ପଦଯାତ୍ରା ରବିବାର ଛତ୍ରପୁର ବ୍ଲକରେ ପହଞ୍ଚିବା ପରେ ପଦଯାତ୍ରାକୁ କୃଷକ ସଙ୍ଗଠନ, ଚାଷୀ, ସରପଞ୍ଚ ଓ ସମିତିସଭ୍ୟଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ରାଜ୍ୟ ସରକାର ଛତ୍ରପୁରଠାରେ ଥିବା ଶିଳ୍ପକୁ ପାଣି ଯୋଗାଇ ଦେବାକୁ ଡ୍ୟାମ ନିର୍ମାଣ ଯୋଜନା କରୁଥିବାବେଳେ ଏହାଦ୍ୱାରା ତଳିଆ ଅଞ୍ଚଳର ଜନସାଧାରଣ ଜଳ ନ ପାଇ ହଇରାଣ ହେବା ଆଶଙ୍କା ରହିଛି ବୋଲି ପଦଯାତ୍ରା ବେଳେ କୁହାଯାଇଥିଲା। ପଦଯାତ୍ରା ଛତ୍ରପୁର ବ୍ଲକର ବଡ଼ମାଧପୁର, ନୂଆପଲି, ପୋଟଲାମପୁର, ମୁନିସିପେଣ୍ଟ, ହଁସପୁର ଏବଂ ଗଞ୍ଜାମ ବ୍ଲକର ବିରିପୁର, ଆଲିଆବାଦରେ ହୋଇଥିଲା। ଏଥିରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଋଷିକୁଲ୍ୟା କ୍ରିୟାନୁଷ୍ଠାନ କମିଟିର ସଂଯୋଜକ ଭାଲଚନ୍ଦ୍ର ଷଡଙ୍ଗୀ, ଋଷିକୁଲ୍ୟା ରୟତ ମହାସଂଘ ସମ୍ପାଦକ ସୀମାଞ୍ଚଳ ନାହାକ,ସରପଞ୍ଚ ନିରଞ୍ଜନ ସ୍ୱାଇଁ, ସମିତିସଭ୍ୟ ଶମ୍ଭୁନାଥ ସ୍ୱାଇଁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଏସ. କିଶୋର ରେଡ୍ଡୀ, ସନ୍ନ୍ୟାସୀ ସ୍ୱାଇଁ, ଦେବରାଜ ମଣ୍ଡଳ, ରାଜୁ ନାହାକ, କେଶବ ବେହେରା, ସହଦେବ ରେଡ୍ଡୀଙ୍କ ସମେତ ଶତାଧିକ କୃଷକ ଓ ଜନସାଧାରଣ ସାମିଲ ହୋଇଥିଲେ। କ୍ରିୟାନୁଷ୍ଠାନଷ୍ଠାନ କମିଟିର ପଦଯାତ୍ରା ଶତାଧିକ ଗ୍ରାମ ପରିକ୍ରମା କରି ଆସନ୍ତା ୨୫ ତାରିଖରେ ଗଞ୍ଜାମ ବ୍ଲକର ପୁରୁଣାବନ୍ଧ ନିକଟ ଋଷିକୁଲ୍ୟା ନଦୀ ମୁହାଣଠାରେ ପହଞ୍ଚିବ।



ପଦଯାତ୍ରାରେ ଲୋକଙ୍କୁ ସଚେତନ କରାଯାଉଛି।

